# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th November - 2024**

**News Editor : *Itishree Singh Rathuar***

***********************************

## ମୁଖ୍ୟ ସମ୍ବାଦ

- ବିଦେଶରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଭାଷାକୁ ପ୍ରୋତ୍ସାହିତ କରିବାରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ପୁଲିସ୍‌କୁ ଅଧିକ କ୍ରିୟାଶୀଳ କରାଯିବ, କହିଲେ ପୁଲିସ ମହାନିର୍ଦ୍ଦେଶକ କୋରାପୁଟରେ ମାଓବାଦୀ ମୁକାବିଲା ନେଇ ସମୀକ୍ଷା ।

- ନବରଙ୍ଗପୁରରେ ଲାଖ କାରୁକାର୍ଯ୍ୟପାଇଁ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କଲେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର; ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରରେ ଯୋଗଦାନ ।

ଏବଂ

- କଟକ ବାଲିଯାତ୍ରା ସମୟରେ ଫୁଟ୍‌ପାଥରେ ଉଠାଦୋକାନୀଙ୍କ ବ୍ୟବସାୟ କରିବା ଉପରେ କଟକଣା ଜାରି ।

# ପ୍ରଭାତୀ ପରିଡ଼ା - ୱାର୍ଲ୍ଡ ଟ୍ରାଭେଲ୍ ମାର୍କେଟ୍

ବିଦେଶରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଭାଷାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ପ୍ରସାରରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଲଣ୍ଡନଠାରେ ଆୟୋଜିତ ୱାର୍ଲ୍ଡ ଟ୍ରାଭେଲ୍ ମାର୍କେଟର ଅନ୍ତିମ ଦିବସରେ ଓଡ଼ିଶା ପର୍ଯ୍ୟଟନ ପ୍ରବାସୀ ଓଡ଼ିଆ ଏବଂ ଶିଳ୍ପପତିମାନଙ୍କ ସହ ସମ୍ପର୍କ ସୁଦୃଢ଼ୀକରଣ ପ୍ରସଙ୍ଗରେ ଆଲୋଚନା କରି ଶ୍ରୀମତୀ ପରିଡ଼ା କହିଛନ୍ତି, ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଅପାର ସୁଯୋଗ ସମ୍ଭାବନା ରହିଛି । ଅର୍ଥନୈତିକ ଅଭିବୃଦ୍ଧିପାଇଁ ପର୍ଯ୍ୟଟନର ବିକାଶ ପାଇଁ ଏକ ପ୍ରମୁଖ ସ୍ତମ୍ଭ ବୋଲି ସେ କହିଛନ୍ତି । ଏଥିରେ ବିଶ୍ୱ ପର୍ଯ୍ୟଯନରେ ରାଜ୍ୟର ସ୍ଥିତିକୁ ସୁଦୃଢ଼ ଓ ନୂତନ ସୁଯୋଗ ସୃଷ୍ଟି ଉପରେ ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପର୍ଯ୍ୟଟନର ବିକାଶ ଓ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବାପାଇଁ ପ୍ରତିଷ୍ଠିତ ବ୍ୟବସାୟୀ ସଂସ୍ଥା ଓ ସମ୍ଭାବ୍ୟ ନିବେଶକଙ୍କ ସହ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା ।

# କ୍ଲାଉଡ୍ - ଓଡ଼ିଆ ଶବ୍ଦ

ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଆଞ୍ଚଳିକ ଭାଷାକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଅନଲାଇନ୍ ମାଧ୍ୟମରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହେଉଥିବାରୁ ଏହାର ବିକାଶ ପାଇଁ କ୍ଲାଉଡ୍‌ରେ ପ୍ରାୟ ସାଢ଼େ ୪ ଲକ୍ଷ ଓଡ଼ିଆ ଶବ୍ଦକୁ ରଖାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଡାଟାବେସ୍ ପ୍ରସ୍ତୁତ କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏହାଦ୍ୱାରା ଇଂରାଜୀ ଭାଷା ଭଳି ସମସ୍ତ କ୍ଷେତ୍ରରେ ତଥ୍ୟ ବା ସୂଚନା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଓଡ଼ିଆ ଭାଷାରେ ସୂଚନା ପ୍ରଦାନ କରିବ। ପ୍ରତ୍ୟେକ ବ୍ୟକ୍ତି ଯେକୌଣସି ସ୍ଥାନରେ ରହିଥିଲେ ମଧ୍ୟ ଓଡ଼ିଆ ପଢ଼ିବା, ଲେଖିବା ଏବଂ ଓଡ଼ିଆ ଭାଷାରେ ସୂଚନା ପାଇପାରିବେ। ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ଦେଶ ବାହାରେ ରହୁଥିବା ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଭାଷା ପ୍ରତି ଆନ୍ତରିକତା ଓ ଆଗ୍ରହ ବଢ଼ିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

*Ganjam/R*

## ସମୀକ୍ଷା ବୈଠକ

ବାହାର ରାଜ୍ୟରୁ ଧାନ ରାଜ୍ୟକୁ ନ ଆସିବାପାଇଁ ସୀମାଗୁଡ଼ିକୁ ସିଲ୍ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭାଗର ସମୀକ୍ଷା କରି ଚଳିତ ବର୍ଷ ଯେପରି ଧାନ ସଂଗ୍ରହ ସମୟରେ କଟ୍‌ନୀ ଛଟ୍‌ନୀ ନ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୁଣବତ୍ତା ମାନର ଧାନ ମଣ୍ଡିକୁ ଆଣିବାପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି । ଏହି ବୈଠକରେ ବାଣିଜ୍ୟ, ପରିବହନ, ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ସମେତ ଜିଲ୍ଲାର ବିଧାୟକମାନେ ଉପସ୍ଥିତ ଥିଲେ ।

*IPR*

## ରକ୍ତଦାନ

ଭୁବନେଶ୍ୱର ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଉଦ୍‌ଘାଟନ କରିଛନ୍ତି । ଦେଶରେ ପ୍ରତି ଦୁଇ ସେକେଣ୍ଡ୍‌ରେ ରକ୍ତର ଆବଶ୍ୟକତା ପଡ଼ିଥାଏ । ରକ୍ତଦାନ କରିବାଦ୍ୱାରା ଅନ୍ୟର ଜୀବନ

ବଞ୍ଚାଇବା ଏକ ଅପୂର୍ବ ଏବଂ ଉତ୍ସାହଜନକ ଅନୁଭୂତି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି । ଅଧିକରୁ ଅଧିକ ଲୋକ ରକ୍ତଦାନ କରିବାକୁ ଆଗେଇ ଆସିବା ସହ ମୂଲ୍ୟବାନ ତଥା ବିରଳ ରକ୍ତ ସଂଗ୍ରହରେ ସାହାଯ୍ୟ କରିବାପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

***IPR***

## ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ନ୍ୟୁଜିଲାଣ୍ଡ୍ ସ୍ଥିତ ଅକ୍‌ଲାଣ୍ଡରେ କନ୍‌ସୁଲେଟ୍ ଜେନେରାଲ୍ ରୂପେ ଅବସ୍ଥାପିତ ହେବାକୁ ଥିବା ମଦନ ମୋହନ ସେଠୀ ସାକ୍ଷାତ୍ କରିଛନ୍ତି । ଏହି ସମୟରେ ନ୍ୟୁଜିଲାଣ୍ଡ୍‌ରେ ଓଡ଼ିଆ ଲୋକଙ୍କ ଅବସ୍ଥିତି, କୃଷି କ୍ଷେତ୍ରରେ ସହଭାଗିତା ଓ ଅନ୍ୟାନ୍ୟ ଜ୍ଞାନକୌଶଳ ବିଷୟରେ ଆଲୋଚନା ହୋଇଥିଲା ।

*IPR*

# କନ୍‌ସୁଲେଟ୍ ଜେନେରାଲ୍

ସେହିଭଳି ଶ୍ରୀ ସେଠୀ ଭୁବନେଶ୍ୱର ଲୋକସେବା ଭବନରେ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶାର ଉତ୍ପାଦକୁ ବିଶ୍ୱ ବଜାରରେ ପ୍ରଚାର ପ୍ରସାର ଏବଂ ଓଡ଼ିଶାକୁ ଶିଳ୍ପ ଓ ଦକ୍ଷତା କେନ୍ଦ୍ରରେ ପରିଣତ କରିବାପାଇଁ ଶ୍ରୀ ସେଠୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ବର୍ଷ ଜାନୁୟାରୀରେ ଓଡ଼ିଶାରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା-୨୦୨୫' ନିମନ୍ତେ ନ୍ୟୁଜିଲାଣ୍ଡର ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିବାପାଇଁ ମନ୍ତ୍ରୀ' ଶ୍ରୀ ସେଠୀଙ୍କୁ ପ୍ରସ୍ତାବ ଦେଇଛନ୍ତି ।

*Koraput/R*

# ଡି.ଜି.ପି. କୋରାପୁଟ ଗସ୍ତ

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆଜି ଦିନିକିଆ କୋରାପୁଟ ଗସ୍ତରେ ଯାଇ ଜିଲ୍ଲାରେ ମାଓବାଦୀ ଗତିବିଧି ଓ ଆଇନଶୃଙ୍ଖଳା ସମ୍ପର୍କରେ ପୁଲିସ୍ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବରୁ ସେ ସ୍ଥାନୀୟ ବି.ଏସ୍.ଏଫ୍. ଓ ଏସ୍.ଓ.ଜି. ବାଟାଲିୟନ୍‌ର କାର୍ଯ୍ୟାଳୟ ବୁଲି ଯବାନମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି । ବୈଠକ ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଖୁରାନିଆ କହିଛନ୍ତି,

ପୁଲିସ୍‌କୁ ଅଧିକ କ୍ରିୟାଶୀଳ କରିବାପାଇଁ ଆସନ୍ତାବର୍ଷ ମାର୍ଚ୍ଚ ମାସ ୨୫ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ଥାନାରେ ଖାଲି ଥିବା ପଦବୀ ପୂରଣ କରାଯିବା ସହ ଜନସାଧାରଣଙ୍କ ସେବାପାଇଁ ପୁଲିସ୍ ବିଭାଗକୁ ଅଧିକ ଯାନବାହନ ଯୋଗାଇ ଦିଆଯିବ । କୋରାପୁଟ-ମାଲକାନଗିରି ଜିଲ୍ଲା ସୀମାନ୍ତରେ ଗଞ୍ଜେଇ ଚୋରା କାରବାରକୁ ରୋକିବାପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି । ଏହି ବୈଠକରେ ସ୍ୱତନ୍ତ୍ର ଗୁଇନ୍ଦା ଡି.ଆଇ.ଜି. କେ.ବି. ସିଂହ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡି.ଆଇ.ଜି. ନୀତି ଶେଖରଙ୍କ ସମେତ ଜିଲ୍ଲା ଏସ୍.ପି. ଯୋଗ ଦେଇଥିଲେ ।

***Nabarangpur/R***

## କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ନବରଙ୍ଗପୁର ଜିଲ୍ଲାରେ ଲାଖ କାରୁକାର୍ଯ୍ୟପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିବା ସହ ଲାଖ କାରିଗରଙ୍କ ସହ ଆଲୋଚନା କରିଛନ୍ତି । ନବରଙ୍ଗପୁର ଗସ୍ତର ଦ୍ୱିତୀୟ ଦିନରେ ଆଜି କେନ୍ଦ୍ରମନ୍ତ୍ରୀ ପାପଡ଼ାହାଣ୍ଡିଠାରେ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହ ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ଠାକୁର ସୁଭଦ୍ରା ଯୋଜନା,

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ପି.ଏମ୍. ପୋଷଣ ଯୋଜନାର ହିତାଧିକାରୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି ।

***Cuttack/R***

## ବାଲିଯାତ୍ରା

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ବାଲିଯାତ୍ରା ସମୟରେ ଫୁଟ୍‌ପାଥ୍‌ରେ କୌଣସି ଉଠାଦୋକାନୀ ବ୍ୟବସାୟ କରିବା ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ନିଷେଧାଦେଶ ଜାରି କରିଛନ୍ତି । ଯୋବ୍ରାଠାରୁ ଚହଟା, ଉପର ଏବଂ ତଳ ବାଲିଯାତ୍ରା ପଡ଼ିଆ ତଥା ଏହାର ଆଖପାଖ ରାସ୍ତାରେ ଏହି ଉଠାଦୋକାନୀମାନଙ୍କୁ ବ୍ୟବସାୟ କରିବାପାଇଁ କଟକଣା ଲଗାଯାଇଛି । ତେବେ ସେମାନଙ୍କ ଜୀବନ ଜୀବିକା ଯେପରି ପ୍ରଭାବିତ ନ ହୁଏ, ସେଥିପାଇଁ ତଳ ବାଲିଯାତ୍ରା ପଡ଼ିଆରେ ବ୍ୟବସାୟ କରିବାପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି । ନିର୍ଦ୍ଦେଶନାମା ଜାରି ହେବାଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଉଠାଦୋକାନୀମାନେ ଆବଶ୍ୟକ ୟୁଜର୍ସ ଫି’ ଦାଖଲ କରି ନିର୍ଦ୍ଧାରିତ ସ୍ଥାନରେ ବ୍ୟବସାୟ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

*IPR*

# ହସ୍ତଶିଳ୍ପ

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୫୫ଟି ହସ୍ତଶିଳ୍ପକୁ ବିଭାଗୀୟ ଅନୁମୋଦନ ମିଳିଛି । ସୂଚନା ଅନୁସାରେ, ପୂର୍ବରୁ ୫୧ଟି ହସ୍ତଶିଳ୍ପକୁ ଅନୁମୋଦନ ମିଳିଥିଲା । ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସୁପାରିସ ପରେ ପୂର୍ବ ତାଲିକାକୁ ସଂଶୋଧନ କରାଯାଇ ୫୫ଟି ହସ୍ତଶିଳ୍ପକୁ ସରକାରଙ୍କ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଅନୁମୋଦିତ ହସ୍ତଶିଳ୍ପଗୁଡ଼ିକର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେବା ସହ ଏଥିରେ କାର୍ଯ୍ୟରତ କାରିଗରମାନଙ୍କୁ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ।

*Nayagarh/R*

# ସୁରଭି

ନୟାଗଡ଼ ଜିଲ୍ଲା ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ 'ସୁରଭି' ଓ 'ଲୋକକଳା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲାର ୮ଟି ବ୍ଲକ୍‌ରୁ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୨୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ସୁଯୋଗ ମିଳିଛି ।

*Desk*

## ସାନ୍ତାଳୀ ଭାଷାରେ ସମ୍ବାଦ

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ସମ୍ବଲପୁରୀ, ସାନ୍ତାଳୀ ଏବଂ ଦେଶୀଆ ଭାଷାରେ ସମ୍ବାଦ ପ୍ରସାରଣ କରାଯିବ। ଏଥିପାଇଁ ସମ୍ବଲପୁରୀ, ସାନ୍ତାଳୀ ଓ ଦେଶୀୟ ଭାଷାର ସମ୍ବାଦ ପାଠକ, କପି ଏଡିଟର ଏବଂ ଭିଡିଓ ଏଡିଟରର ଆବଶ୍ୟକତା ରହିଛି। ଉପଯୁକ୍ତ ପ୍ରାର୍ଥୀଙ୍କଠାରୁ ଏଥିପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀ ପ୍ରସାରଭାରତୀ ୱେବସାଇଟ୍ prasarbharati.gov.inର vacancies ବିଭାଗକୁ ଯାଇ ବିଜ୍ଞାପନର ସବିଶେଷ ବିବରଣୀ ଜାଣିପାରିବେ। ଆବେଦନ କରିବାର ଶେଷ ତାରିଖ ହେଉଛି ଚଳିତ ମାସ ୨୦ ତାରିଖ।

*Desk*

## ସଂସ୍କୃତ ମଧ୍ୟମା ଫର୍ମ ପୂରଣ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସଂସ୍କୃତ ମଧ୍ୟମା, ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ (ପ୍ରଥମ) ବାର୍ଷିକ ପରୀକ୍ଷା ନିମନ୍ତେ ଆଜିଠାରୁ ଫର୍ମପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମଧ୍ୟମା ଛାତ୍ରଛାତ୍ରୀଙ୍କ ଫର୍ମପୂରଣ ଅଫଲାଇନ୍ ମାଧ୍ୟମରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟଠାରେ କରାଯାଉଛି। ସେହିଭଳି ମୁକ୍ତ ବିଦ୍ୟାଳୟର

ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରୁଛନ୍ତି। ଏହାପରେ ରୋଲ୍‌ସିଟ୍‌କୁ ପ୍ରଧାନଶିକ୍ଷକମାନେ ନିଜ ତତ୍ତ୍ୱାବଧାନରେ ରଖିବା ସହ ଏହାର ଏକ ନକଲ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ନଭେମ୍ବର ୨୦ ତାରିଖ ସୁଦ୍ଧା ଦାଖଲ କରିବେ। ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ନଭେମ୍ବର ୧୮ ତାରିଖରେ ଶେଷହେବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

*Nayagarh/R*

## ଦୁର୍ଘଟଣା

ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ସୋରଡ଼ା ଛକରେ ଏକ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତମାନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଦୁର୍ଘଟଣାରେ ବସ୍ ଚାଳକଙ୍କର ମୃତ୍ୟୁ ହୋଇଥିବାବେଳେ ୯ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି ।

*Bhadrak/R*

# ପି.ଏମ୍.ଶ୍ରୀ - ଲଘୁ ସାଂସ୍କୃତିକ

ଭଦ୍ରିକ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଆନ୍ତଃରାଜ୍ୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟର ୧୦ଟି ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୨୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

*****